# ତହସିଲଦାରଙ୍କ କାର୍ଯ୍ୟାଳୟ, ନୀଳଗିରି, ବାଲେଶ୍ୱର

**ନୋଟିସ ସଂଖ୍ୟା.** ୨୨୧୨ **ତାରିଖ.** ୨୨/୦୫/୨୦୨୦

**ଲଘୁ ଖଣିଜ ଲିଜ ନିମନ୍ତେ ବିଜ୍ଞାପନ**

ନୀଳଗିରି ତହସିଲର ପତ୍ର ସଂଖ୍ୟା ୧୨୫୧ ତା ୧୩.୦୩.୨୦୨୦ ରିଖରେ ଦିଆଯାଇଥିବା ସର୍ତାବଳୀ ମୁତାବକ ଲଘୁ ଖଣିଜ ଉତ୍ସ (ପୁଦାଳ ଓ ଢୁମଗଣ୍ଡିରା ବାଲି ଖାଦାନ ନିଲାମରେ )କେତେକ ସର୍ତାବଳୀରେ ପରିବର୍ତନ କରାଯାଇଅଛି ଯଥା ସର୍ତନଂ-୧୨ ଓ ୧୪ ରେ ତାହା ନିମ୍ନରେ ଦିଆଗଲା।

୧- ଆବେଦନକାରୀ ପ୍ରାଧୀକୃତ ଅଧିକାରୀଙ୍କ ଦ୍ୱାରା (Competent Authority)ଧାର୍ଯ୍ୟ ହୋଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟଠାରୁ କମ୍ ମୂଲ୍ୟ ଦର୍ଶାଇଲେ, ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।ଦରଖାସ୍ତ ଗୁଡିକ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରାକ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା.୧୬.୦୬.୨୦୨୦ ରିଖ ଦିବା ୧୧ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । । ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ରୟାଲଟି ଉପରେ ସର୍ବାଧିକ ଅତିରିକ୍ତ ଦେୟ(**Additional Charge**) ଦର୍ଶାଇଥିବା ଆବେଦନ ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇଥାନ୍ତି, ତେବେ ଲଟେରି ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

୨- ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ୍ ପାଇଁ ଅଯୋଗ୍ୟ ବିବୋଚିତ ହୁଅନ୍ତି, ତା ହେଲେ ତା.୧୯.୦୬.୨୦୨୦ରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତିମାନେ ପ୍ରଥୋମକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ, ସେ ସମସ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ତା୨୦.୦୬.୨୦୨୦ ରିଖ ଦିବା ୧୧ ଘଟିକା ସମୟରେ ଜଉମୁଦ ଖୋଲାଯାଇ ଲିଜ୍ ନିମନ୍ତେ ଚୟନ କରାଯିବ । ସେହିପରି ଯଦି ଦ୍ୱିତୀୟଥର ମଧ୍ୟ ଉକ୍ତ ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସି ନଥାଏ କିମ୍ବା ଉକ୍ତ ଉତ୍ସ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତେବେ ତୃତୀୟଥର ପାଇଁ ତା୨୨.୦୬.୨୦୨୦ ରିଖ ସୁଦ୍ଧା ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରିପାରିବେ ଏବଂ ସେ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ

ପ୍ରାଧିକୃତ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ତା୨୪.୦୬.୨୦୨୦ ରିଖ ଦିବା ୧୧ ଘଟିକା ସମୟରେ ଜଉମୁଦ ଖୋଲାଯାଉ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା ତୃଟି ସଂଶୋଧନ କରିବା କିମ୍ୱା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହି ଅଛି ।

N.B.- 1-ଖବରକାଗଜରେ ବିଜ୍ଞାପନ ନିମନ୍ତେ ସମସ୍ତ ଖର୍ଚ୍ଚ ବିବେଚିତ ହୋଇଥିବା ନିଲାମଧାରୀ ବହନ କରିବେ ।

2- ପତ୍ର ସଂଖ୍ୟା ୧୨୫୧ ତା ୧୩.୦୩.୨୦୨୦ ରିଖରେ ଦିଆଯାଇଥିବା ଅନ୍ୟାନ ସର୍ତାବଳୀ ଅପରିବର୍ତୀତ ରଖାଗଲା ।

ତହସିଲଦାର, ନିଳଗିରୀ.

# ତହସିଲଦାରଙ୍କ କାର୍ଯ୍ୟାଳୟ, ନୀଳଗିରି, ବାଲେଶ୍ୱର

**ନୋଟିସ ସଂଖ୍ୟା.** 2220 **ତାରିଖ.** 29/05/2020

## ଲଘୁ ଖଣିଜ ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ଲଘୁ
ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ଓଡିଶା ଲଘୁ ଖଣିଜ ରିହାତି (ସଂଶୋଧନ) ଆଇନ
୨୦୧୭ ଅନୁଯାଇ ନୀଳଗିରି ତହସିଲ ଅର୍ନ୍ତଗତ ପୁନ୍ଦାଳ ଓ ଡୁମଗଣ୍ଡିରା ବାଲି (ଖାଦାନ) ଉତ୍ସ
(ଲଘୁ ଖଣିଜ ଦ୍ରବ୍ୟ)ଗୁଡିକୁ 05ବର୍ଷ ନିମନ୍ତେ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ
ଥିବା ବ୍ୟକ୍ତି ମାନଙ୍କ ଠାରୁ ପୁନଃ ଦରଖାସ୍ତ ଆହ୍ୱାନ କରାଯାଉଅଛି ଯାହା ଅତ୍ର କାର୍ଯ୍ୟାଳୟ ପତ୍ର
ସଂଖ୍ୟା ୧୨୫୨/୧୩.୦୩.୨୦୨୦ ଅନୁସାରେ ଏବଂ ଜିଲ୍ଲାପାଳଙ୍କ ଆଦେଶ ସଂଖ୍ୟା-
୭୫୬/୨୪.୦୩.୨୦୨୦ ଅନୁସାରେ ମହାମାରୀ କରୋନା (COVID-19) ପାଇଁ ଏହାକୁ
ସ୍ଥଗିତ ରଖାଯାଇଥିଲା । ତେଣୁ ଆବେଦନକାରୀ ଫର୍ମ **'M'** ପୂରଣ କରି ୩ କପି ସହ ଏହି
ତହସିଲର ପତ୍ର ସଂଖ୍ୟା ୧୨୫୧ ତା ୧୩.୦୩.୨୦୨୦ ରିଖରେ ଦିଆଯାଇଥିବା ସର୍ତାବଳୀ
ମୁତାବକ ତା୩୦.୦୫.୨୦୨୦ ରିଖ ରୁ ୧୩.୦୬.୨୦୨୦ ଅପରାହ୍ନ ୫ ଘଟିକା ସୁଦ୍ଧା
ଆବେଦନ କରିପାରିବେ । ଏ ସଂକ୍ରାନ୍ତୀୟ ସଂପୂର୍ଣ୍ଣ ସର୍ତାବଳୀ ବାଲେଶ୍ୱର ଜିଲ୍ଲା Web Site
- baleswar.nic.in ରୁ ଏବଂ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରୁ ଜାଣିପାରିବେ
।ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଅଭିଯୋଗ ଗ୍ରହଣିୟ ହେବନାହିଁ ।

ତହସିଲଦାର, ନୀଳଗିରି